# ଏପିସୋଡ ୩୫

## ଏବେ ତ ସୁଧୁରିଯାଅ

ମୂଳ ଲେଖା: ଅନୁରାଗ ଶର୍ମା

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

ଅଜା ୭୨ ବର୍ଷ ପୂର୍ବତନ ସାମ୍ବାଦିକ

ଆଈ ୭୦ ବର୍ଷ ଡାକ୍ତର ଏବଂ ଲେଖିକା

ରବି ଅଜା ଆଈଙ୍କ ପାଖରେ କାମ କରୁଥିବା ଲୋକ

ସୁମନା ୧୯ ବର୍ଷ କଲେଜ ଛାତ୍ରୀ

ସୁମିତ ୧୫ ବର୍ଷର ସ୍କୁଲ ଛାତ୍ର

(ଜୋର ବର୍ଷାର ଶବ୍ଦ)

ସୁମନା: ଅଜା ଆଜି ବି ପୁଣି ଏତେ ଜୋରରେ ବର୍ଷା ହେଉଛି? ଛୁଟିରେ ତ ଜୋର ଗରମ ହେବା କଥା। ମନେହେଉଛି ଏଥରର ଛୁଟି ଘରେ ବସି ବସି ଆପଣଙ୍କ ସାଙ୍ଗରେ ହିଁ କଟିବ

ସୁମିତ:ହଁ ଅପା। ଏବେ ତ ଆମେ ଦୁଇଦିନ ହେଲାଣି ଆସିଲେଣି। ଆଉ ଦୁଇଦିନ ଯାକ ଲଗାତର ବର୍ଷା ହେଉଛି, ଆଜି ତ ଜୋର ହେଉଛି।

ଲାଗୁଛି ଆଜି ବି ଅଜାଙ୍କ ଡାଇରୀ ଫାର୍ମ ଦେଖିବାକୁ ଯାଇପାରିବା ନାହିଁ।

ଆଈ: ସୁମିତ, ଏହା ଅସମୟର ବର୍ଷା, ଦେହ ବି ଖରାପ ହେବ ଏଥିରେ, ଆଉ କେବେ କେବେ ଫସଲ ବି । ଚାଲ ଆଜି ତମ ସାମ୍ବାଦିକ ଅଜାଙ୍କ ଠାରୁ କିଛି ଶୁଣିବା।

ରବି: ଆରେ ମା , ଆପଣ ବି ପିଲା ଦୁଇଜଣଙ୍କୁ ବୋର୍ କରିବା ପାଇଁ ଲାଗିଛନ୍ତି। ଆଉ ବାବୁଙ୍କ କଥା ଶୁଣିଲେ ତ ତାଙ୍କ ଛୁଟି ବରବାଦ ହୋଇଯିବ। ତା ଠାରୁ ଭଲ ଯେ ବର୍ଷାରେ ଭିଜିବେ ଆଉ ଗାଈ ବି ଦେଖିବେ।

ଅଜା: ଆରେ ରବି, ତୋ ଦେଇ ତ କିଛି କାମ ଠିକରେ ହୁଏନାହିଁ, ତା ଉପରେ ପିଲାମାନଙ୍କ ଦେହ ଖରାପ କରିବାରେ ଲାଗିଛୁ। ତୁ ଟିକେ ଏଇ ବର୍ଷାରେ ପିଲାଙ୍କ ପାଇଁ ପକୁଡ଼ି ଛାଣି ପାରୁନୁ? ଆସିଲା ଏଠି ଭାଷଣ ଦେବାକୁ...

ରବି: ଦେଖ ମା, ଆଜି ବାବୁ ପୁଣି ପାଟି କଲେଣି..

ସୁମିତ:ତେବେ ପକୁଡ଼ି ତ ଖାଇପାରିବା...

ଅଜା: ଆରେ ବାଃ ସୁମିତ, ବଢ଼ିଆ କଥା କହିଲୁ।

ଆଈ: ସବୁ ବର୍ଷାରେ କ'ଣ ପକୁଡ଼ି ଖାଆନ୍ତି? ପ୍ରତି ଋତୁ ପାଇଁ କିଛି ଖାଦ୍ୟ ପାନୀୟ ସ୍ଥିର ହୋଇଛି। ବର୍ଷା ହେଲେ ଖାଲି ପକୁଡ଼ି ଖାଆନ୍ତି ଆଉ ଗରମ ହେଲେ ଥଣ୍ଡା ଜୁସ୍...

ସୁମନା: କିନ୍ତୁ ଆଈ ଏମିତି ତ ହୋଇଥାଏ...

ଅଜା: ଆରେ ମା ସୁମନା, ତୋ ଆଈ ଡାକ୍ତରାଣୀ, ସେଥିପାଇଁ ଏମିତି କହୁଛି।

ଆରେ ଭାଇ, ବର୍ଷା ତ ବର୍ଷା, ଯେତେବଳେ ଆସିବ ପକୁଡ଼ି ଖିଆଯାଇ ପାରିବ...

ସୁମିତ:କିନ୍ତୁ ଅଜା, ଆଈ ଠିକ କହୁଛନ୍ତି। ଆମ ସ୍କୁଲରେ ଦିଦି କହୁଥିଲେ ଯେ ପୃଥିବୀରେ ଉଷ୍ମାୟନ ଯୋଗୁ ଜଳବାୟୁ ପରିବର୍ତ୍ତନ ହେଉଛି। ସେଥିପାଇଁ ଅଦିନିଆ ବର୍ଷା, ବନ୍ୟା, ଝଡ଼ ତୋଫାନ, ନୂଆ ନୂଆ ରୋଗ ଆଦିର ପ୍ରକୋପ ବଢୁଛି।

ଆଈ: ଆରେ ବାଃ ସୁମିତ, ତୁ ତ ବହୁତ କଥା ଜାଣିଛୁ।

ଅଜା: କ'ଣ ସୁମିତ, ତୁ ବି କ'ଣ ଏଭଳି କଥାରେ ଭାସିଯାଉଛୁ? ଏ ବିଶ୍ୱ ଉଷ୍ମାୟନ, ଜଳବାୟୁ ପରିବର୍ତ୍ତନ ଆଦି ସବୁ ତୋ ଆଈ ଭଳି ପଢ଼ାଶୁଣା ଲୋକଙ୍କ ମୁଣ୍ଡରୁ ବାହାରିଛି।

ସୁମନା: ଅବଶ୍ୟ ଅଜା, ମତେ ବି ତ ବିଶ୍ୱାସ ହେଉନାହିଁ, କୁହାଯାଉଛି ଯେ ବିଶ୍ୱ ଉଷ୍ମାୟନ ଆଉ ଏବର୍ଷର ଥଣ୍ଡା ସବୁ ରେକର୍ଡ ଭାଙ୍ଗିଦେଇଛି । ଆମେରିକାର ଲୋକମାନେ ତ ଏବେ ଉଷ୍ମାୟନ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି।

ଆଈ: ସେମାନେ ତ ଏକଥା ମାନିବେନାହିଁ। କାରଣ ବିଶ୍ୱର ଉଷ୍ମାୟନ ପାଇଁ ସବୁଠାରୁ ଅଧିକ ଏଇ ଦେଶ ହିଁ ଦାୟୀ। ବିଶେଷ କରି ଆମେରିକା।

ରବି: ଆଚ୍ଛା ମା, କେମିତି?

ଅଜା: ମୁଁ କହିବି କେମିତି? ପକୁଡ଼ି ତ କଲୁନାହିଁ, ଆଉ ଏଠି ପାଟି କରୁଛୁ...

ଆଈ: ଆରେ ରବି ଏସବୁ କଥା ଜଣିବା ସବୁଠାରୁ ଅଧିକ ଜରୁରୀ।

ସୁମିତ: କାହିଁକି ଆଈ?

ଆଈ: ଯଦି ଆମ ଆଲୋଚନାରେ ସ୍ଥିର ହୋଇଯିବ ଯେ ବିଶ୍ୱ ଉଷ୍ମାୟନ ହେଉଛି ତାହେଲେ ରବି ସମସ୍ତଙ୍କ ପାଇଁ ବଢ଼ିଆ ଫଳର ସାଲାଡ କାଟିକି ଆଣିବ, ନହେଲେ ପକୁଡ଼ି...

ଅଜା: ଠିକ ଅଛି ରାଜି।

ସୁମନା: ଅଜା ମୁଁ ତମ ପଟେ।

ସୁମିତ: ମୁଁ କିନ୍ତୁ ଆଈ ତମ ପଟେ।

ଆଈ: ଆଉ ରବି ଜଜ୍...

(ସମସ୍ତେ ହସୁଛନ୍ତି)

ଅଜା: ଏଥିପାଇଁ କିଛି ନିୟମ ସ୍ଥିର କରିବା। ଦେଖ, ଯେତେବେଳେ ବି ବିଶ୍ୱ ଉଷ୍ମାୟନ କଥା କହୁଛନ୍ତି ସମସ୍ତେ ସିଧା ଆଣ୍ଟାର୍କଟିକା ବା ଦକ୍ଷିଣମେରୁ ଏବଂ ଆର୍କଟିକ୍ ବା ଉତ୍ତରମେରୁରେ ପହଞ୍ଚି ଯାଉଛନ୍ତି । ଆମେରିକା, କାନାଡା, ଋଷରୁ ଆମକୁ କ'ଣ ମିଳିବ। ଆଲୋଚନା କେବଳ ଭାରତରେ ଉଷ୍ମାୟନର ପ୍ରଭାବ ବିଷୟରେ ହେବ। ଆଉ ପୁଣି ଜି ରବି ବି ଏଥିରେ ଭାଗ ନେବ ଆଉ ତା'ର କୌଣସି କଥା ପସନ୍ଦ ହେବନାହିଁ, ତାହେଲେ ସେ ଦଶଥର ଉଠବସ ହେବ।

ରବି: କା.. କା.. କାହିଁକି ଆଜ୍ଞା। ମୁଁ କାହିଁକି ଉଠବସ ହେବି। ମୁଁ ତ ଜଜ୍।

ଆଈ: (ହସି ହସି) କେହି ଉଠବସ ହେବେନାହିଁ। କିନ୍ତୁ ଆପଣଙ୍କର ପ୍ରଥମ ସର୍ତ୍ତ ଠିକ ଅଛି।

ସୁମନା: ଠିକ ଅଛି। ଆଲୋଚନା ଆରମ୍ଭ କରିବା। ଅଜା ଆରମ୍ଭ କରିବେ।

ଅଜା: ଧନ୍ୟବାଦ ସୁମନା। ମୁଁ ତ କହିବାକୁ ଚାହୁଁଛି ଯେ ବିଶ୍ୱ ଉଷ୍ମାୟନ କିଛି ନୂଆ କଥା ନୁହେଁ। ପୃଥିବୀରେ ସବୁ ସମୟରେ ଗରମ କାଳ , ଶୀତ କାଳ, ବରଫ ଯୁଗ ଆଦି ଆସେ ଯାଏ। ଆଉ ଯଦି ବି ପାଣିପାଗରେ କିଛି ଏପଟସେପଟ ହେଉଛି ସେ ସବୁ ପୂରା ପ୍ରାକୃତିକ। ଭାରତରେ ବିଶ୍ୱ ଉଷ୍ମାୟନର ପ୍ରଭାବ କିଛି ବି ନାହିଁ।

ସୁମନା: ବାଃ ବାଃ ଅଜା, କି ବଢ଼ିଆ ଆରମ୍ଭ...

ଆଈ: ବେକାର ଆରମ୍ଭ. ଭଲ ହେଉଛି ଯେ ଏକଥା କେହି ଶୁଣୁନାହାନ୍ତି । ନହେଲେ ମନେହୁଅନ୍ତା ଯେ ତମ ଅଜାଙ୍କ ମିଛରେ ହିଁ ସବୁ ସତ ରହିଛି। ଏଭଳି ବେକାର କଥାରେ ସତ ଲୁଚିଯିବନାହିଁ।

ସୁମିତ: ବାଃ ବାଃ ଆଈ, କି ବଢ଼ିଆ କଥା କହିଲ...

ରବି: ସେ ତ ଠିକ ଅଛି। କିନ୍ତୁ ବିଶ୍ୱ ଉଷ୍ମାୟନର ପ୍ରଭାବ ଭାରତ ଉପରେ କିଛି ପଡୁଛି କି ନାହିଁ?

ଆଈ: କାହିଁକି ନୁହେଁ ରବି.. ପ୍ରଭାବ ତ ପୂରା ପଡୁଛି। ପ୍ରଥମ କଥା ହେଉଛି ଭାରତ ବିଶ୍ୱ ଉଷ୍ମାୟନର କୁପ୍ରଭାବ ଦ୍ୱାରା ଅତି ମାତ୍ରାରେ ପ୍ରଭାବିତ ହେଉଛି...

ଅଜା: କେମିତି?

ସୁମନା: ହଁ ଆଈ, କେମିତି?

ରବି: ହଁ ମା, କେମିତି?

ଆଈ: ଆରେ ରବି, ପ୍ରଥମ କଥା ପ୍ରବଳ ଗରମ। ଯଦି ତମେ ଭାରତର ଗତ କୋଡ଼ିଏ ବର୍ଷର ତାପମାତ୍ରାକୁ ଦେଖିବ ଦେଖାଯିବ ଯେ ତାପମାତ୍ରା ଲଗାତର ବଢୁଛି। ଆଉ ଏଇ କାରଣରୁ ଫସଲର ଆମଦାନୀ ବି ପ୍ରଭାବିତ ହେଉଛି। କୀଟଙ୍କ ପ୍ରାଦୁର୍ଭାବ ବଢୁଛିଷ ହିମାଚଳ ପ୍ରଦେଶରେ ସେଓର ଉତ୍ପାଦନ କମୁଛି। ଖରାଦିନ ଶୀଘ୍ର ଆସିଯାଉଥିବାରୁ ଗହମ ଆମଦାନୀ ବି କମୁଛି।

ଅଜା: ରହିଯାଅ ଆଈ ରହିଯାଅ...ଏସବୁ ତ କହିଯାଉଛ, କିଛି ପ୍ରମାଣ...

ଆଈ: ସାମ୍ବାଦିକ ଅଜା, ଗରମ ବଢ଼ିବା ଯୋଗୁ ପାହାଡ଼ି ଅଞ୍ଚଳ ଆଉ ଉଚ୍ଚ ଜାଗାରେ ଏବେ ମଶା ପହଞ୍ଚି ଗଲେଣି । ମଶା ମାଲେରିଆ, ଡେଙ୍ଗୁ ଭଳି ଅନେକ ରୋଗର ବାହକ। ସାରା ଶୀତଦିନ ସାରା ତମେ ବି ମଶା ତଡ଼ିବାରେ ଲାଗୁଛ। ଆଗରୁ ଦୀପାବଳୀ ପରେ ମଶା ବି ଆଉ ହେଉ ନ ଥିଲେ। ଏହିଭଳି ରୋଗର ଅନ୍ୟ ବାହକମାନଙ୍କୁ ବଢ଼ିବା ପାଇଁ ଯଥେଷ୍ଟ ଲମ୍ବା ସମୟ ମିଳିଲା। ସେଥିପାଇଁ ବାହକଜନିତ ରୋଗ ଏବେ ଅନେକ ବଢ଼ିଯାଇଛି।

ରବି: ମା ପୂରା ଠିକ କଥା କହିଛନ୍ତି। ମଶା ତ ଏବେ ବର୍ଷସାରା ହଇରାଣ କରୁଛନ୍ତି। ଆଚ୍ଛା ତାହେଲେ ଏହାର କାରଣ ବି ବିଶ୍ୱ ଉଷ୍ମାୟନ।

ସୁମିତ:ମୋ ଶିକ୍ଷକ କହିଥିଲେ ଯେ ଯଦି ଭାରତର ହାରାହାରୀ ତାପମାତ୍ରା ବଢ଼େ ତାହେଲେ ଭାରତର ଖାଦ୍ୟସୁରକ୍ଷା ଆଉ ଜଳସମ୍ପଦ ଉପରେ ସବୁଠାରୁ ଅଧିକ କୁପ୍ରଭାବ ପଡ଼ିବ। ପୃଥିବୀ ଗରମ ହେଉଥିବା ଯୋଗୁ ବର୍ଷାଚକ୍ରରେ ବି ପରିବର୍ତ୍ତନ ଆସୁଛି। ଏହାଦ୍ୱାରା ଫସଲଚକ୍ର ବି ପ୍ରଭାବିତ

ହେଉଛି।

ସୁମନା: ଆରେ ସୁମିତ, ଏକଥା ତ ମୋ ଟିଚର୍ ବି କହିଥିଲେ ଯେ ବିଶ୍ୱରେ ଅଧିକାଂଶ ଚାଷବାସ ପାଣିପାଗ ଉପରେ ନିର୍ଭର କରେ । ଭାରତରେ ପ୍ରାୟ ଶତକଡ଼ା ଷାଠିଏ ଭାଗ ଚାଷ ବର୍ଷା ଉପରେ ନିର୍ଭର କରେ। କିନ୍ତୁ ଏକଥା ତ ସମସ୍ତେ ଜାଣିଛନ୍ତି...

ଅଜା: ଦେଖ ସୁମିତ, ସୁମନା, ଏକଥା ଠିକ.. ମାନିଲେ ଯେ ମଶାଙ୍କ ପ୍ରକୋପ ବଢ଼ୁଛି, ଡେଙ୍ଗୁ, ସ୍ୱାଇନଫ୍ଲୁ ଆଦି ପ୍ରତିବର୍ଷ ବଢ଼ୁଛି । କିନ୍ତୁ ଏହାକୁ କ'ଣ ଭାରତ ଉପରେ ବିଶ୍ୱ ଉଷ୍ମାୟନ ସହ ଯୋଡ଼ି ଦେଖାଯାଇ ପାରିବ?

ଆଈ: କାହିଁକି ନୁହେଁ। ୨୦୦୯ ମସିହା କଥା ଭୁଲିଗଲ। ସେବର୍ଷ ମୌସୁମୀ ବର୍ଷା କମିଯିବାରୁ ଧାନ ଉତ୍ପାଦନ ଶତକଡ଼ା ପ୍ରାୟ ୨୦ ଭାଗ କମିଯାଇଥିଲା। ମନେପକାଅ, ସେତେବେଳେ ଡାଲି ଆଦି ଜରୁରୀ ଖାଦ୍ୟପଦାର୍ଥ କେତେ ଦାମ୍ ବଢ଼ିଯାଇଥିଲା । ଏବେକାର ଦରଦାମ ବଢ଼ିବାକ ଗୋଟିଏ କାରଣ ବି ହେଉଛି ଯେ ୨୦୦୯ ମସିହାରେ ଭୟଙ୍କର ମରୁଡ଼ି ଆଉ ବନ୍ୟା ଯୋଗୁ କେଉଁଠି ଫସଲ ଶୁଖିଗଲା ତ ଆଉ କେଉଁଠି ଭାସିଗଲା...

ସୁମିତ:ଠିକ କହିଛ ଆଈ। ତେଲ, ଚିନି, ପିଆଜ ଆଉ ଆଳି ଭଳି ଫସଲ ଯେତିକି ଚାହିଦା ରହିଛି ସେତିକି ଉତ୍ପାଦନ ହୋଇପାରୁନାହିଁ।

ରବି: ଠିକ କହିଛ ସୁମିତ ଭାଇ। ଆରେ ମତେ ପଚାର ଖାଦ୍ୟପଦାର୍ଥର ଅବସ୍ଥା କ'ଣ। ଅବଶ୍ୟ ସରକାରୀ ସହାୟତା ଯୋଗୁ କିଛିଟା ଶସ୍ତା

ହେବାରୁ ସାମାନ୍ୟ ସୁବିଧା ହେଉଛି। କିନ୍ତୁ ଚାଷୀଭାଇମାନେ ତ ଏଇ ବିଶ୍ୱ ଉଷ୍ମାୟନରେ ସବୁଠାରୁ ଅଧିକ ପ୍ରଭାବିତ...

ଆଈ: ରବି, କଥା ତ ସେଇଆ। କିନ୍ତୁ କିଛିଲୋକ ଭ୍ରମ ପ୍ରଚାର କରୁଛନ୍ତି। ସେମାନେ କେବଳ ଏହି କାମରେ ମାତିଛନ୍ତି। କିନ୍ତୁ ବିଶ୍ୱ ଉଷ୍ମାୟନର ପଦଧ୍ୱନି ଆମକୁ ବୁଝିବାକୁ ହେବ।

ରବି: ପଦଧ୍ୱନି??

ଆଈ: ହଁ ରବି। ଆଉ ଏଇ ପଦଧ୍ୱନିକୁ ବୁଝିବା ପାଇଁ ଆମକୁ ଦୂରକୁ ଯିବାକୁ ହେବନାହିଁ। ଭାରତରେ ହିଁ ଏହାର ଗୋଟିଏ ବଡ଼ ଉଦାହରଣ ରହିଛି।

ସୁମନା: ଭାରତରେ? କ'ଣ ଆଈ?

ଆଈ: ସୁମନା, ଏବେ କିଛିଦିନ ତଳେ ମୋ ସଂସ୍ଥାର ଗୋଟିଏ ଡାକ୍ତରୀ ଦଳ ଲେହ, ଲଦାଖ ଯାଇଥିଲେ।

ସୁମିତ:ଦେଖିଲ, ଆଈ ଅବସର ନେବା ପରେ ବି କେତେ କାମ କରୁଛନ୍ତି।

ରବି: ଆରେ ସୁମିତ ଭାଇ, ଡାକ୍ତର କ'ଣ କେବେ ଅବସର ନିଅନ୍ତି? କୁହ ମା, ତମେ କ'ଣ କହୁଥିଲ?

ଆଈ: ହଁ ମୁଁ କହୁଥିଲି ଯେ ଆମ ଦଳ ଯେତେବଳେ ଲେହ ପହଞ୍ଚିଲେ ଏହା ଆଗରୁ ଆମ ଦଳ ପାଞ୍ଚ ବର୍ଷ ଆଗରୁ ଯାଇଥିଲେ। ଏଥର ତ ସେଠିକାର ପରିବେଶ ବଦଳି ଯାଇଥିଲା।

ସୁମିତ:ଆଉ କ'ଣ ସବୁ ବିପର୍ଯ୍ୟସ୍ତ ହୋଇଯାଇଥିଲା?

ସୁମନା: ଲୋକମାନେ ଦୁଃଖୀ ଥିଲେ କି? ବିଶ୍ୱ ଉଷ୍ମାୟନ କାରଣରୁ...

ଆଈ: ନା ସୁମନା, ସୁମିତା ସେଠି ସବୁଲୋକ ବିଶେଷ କରି ମହିଳାମାନେ ବହୁତ ଖୁସି ଜଣାପଡୁଥିଲେ।

ରବି: ଖୁସି ଜଣାପଡୁଥିଲେ... ବିଶ୍ୱ ଉଷ୍ମାୟନର ପଦଧ୍ୱନି ଯୋଗୁ?

ଆଈ: ହଁ ରବି। ବାସ୍ତବରେ କ'ଣ ହୋଇଥିଲା କି ଲମ୍ବା ସମୟ ପାଇଁ ଖରାଦିନ ରହିବା ଯୋଗୁ ସେମାନଙ୍କ ପଶୁଙ୍କ ପାଇଁ ବର୍ଷସାରା ଚାରା ମିଳିପାରିଲା। ଆଉ ଯୋଉ ଫସଲ ସେମାନେ ବର୍ଷକୁ ଥରେ ମାତ୍ର କରିପାରୁଥିଲେ ଏବେ ଦୁଇ ତିନି ଥର ନେଇପାରିଲେ।

ଅଜା: ଦେଖ, ଯଦି ଏହା ହେଉଛି ବିଶ୍ୱ ଉଷ୍ମାୟନର ପଦଧ୍ୱନୀ, ତାହେଲେ ଭଗବାନ କରନ୍ତୁ ଏଭଳି ପଦଧ୍ୱନି ସବୁବେଳେ ମିଳୁ... ରବି ଯା ପକଡ଼ି ତିଆରି କର।

ଆଈ: ଆରେ ପୂରା କଥା ତ ଶୁଣ। ଯେତେବେଳେ ତାପମାତ୍ରା ପଢ଼େ ସେତେବେଳେ ହିମପର୍ବତ ତରଳେ। ପାଣି ଆସେ ଆଉ ତଳୁଆ ଅଞ୍ଚଳରେ ବନ୍ୟା ଆସେ। କିନ୍ତୁ ଏସବୁ ହିମପର୍ବତ ଥିବା ଯାଏଁ ମାତ୍ର। ଯେତେବେଳେ ହିମପର୍ବତ ତରଳିଯିବ ତା ପରେ ଆସିବ ମରୁଡ଼ିର ସମୟ। ଫସଲ କରିବା ଅସମ୍ଭବ ହୋଇଯିବ। ତା ପରେ ଅବସ୍ଥା କ'ଣ ହେବ କହିବା କଷ୍ଟ ନୁହେଁ...

ସୁମନା: ତା ମାନେ ବିଶ୍ୱ ଉଷ୍ମାୟନ ଯୋଗୁ ଲେହ ଲଦାଖରେ ଯେଉଁ ପାଣି ମିଳୁଛି ଆଉ ଗରମ ଯୋଗୁ ଅଧିକ ଫସଲ ହେଉଛି ସେସବୁ କେବଳ

କିଛି ସମୟ ପାଇଁ। ଏ ଜଳବାୟୁ ପରିବର୍ତ୍ତନ କିଛି ସମୟ ବା କିଛି ଦଶକ ଭିତରେ ସବୁ ସଂସାଧନକୁ ଶେଷ କରିଦେବ, ତା ପରେ ମରୁଡ଼ି, ଦାରିଦ୍ର୍ୟ, କ୍ଷୁଧା...

ଆଇ: ହଁ ସୁମନା, ଥଣ୍ଡା ଅଞ୍ଚଳରେ ଏବଂ ଅଧିକ ସମ୍ବେଦନଶୀଳ ଅଞ୍ଚଳରେ ଉଷ୍ମାୟନର ପଦଧ୍ୱନି ଅଧିକ ଦେଖାଯାଉଛି। ଏହି ସମ୍ବେଦନଶୀଳ ଅଞ୍ଚଳରେ ସାମାନ୍ୟ ପରିବର୍ତ୍ତନ ବି ଆଗାମୀ ସମୟର କାହାଣୀ କହିଦେବ।

ସୁମିତ:ଆଇ, ଯେମିତି ଲେହରେ ହେଉଛି, କିଛି କିଛି ଏଠି ବି ହେଉଛି। ଯେମିତିକି ଏତେ ବର୍ଷା ତା ପୁଣି ଏଇ ଋତୁରେ?

ଆଇ: ଠିକ ବୁଝିଚୁ ସୁମିତ। ବାସ୍ତବରେ ଲୋକମାନେ ଭାବୁଛନ୍ତି ଯେ ବିଶ୍ୱ ଉଷ୍ମାୟନରେ କେବଳ ତାପମାତ୍ରା ବଢ଼ିବ। ବାସ୍ତବରେ ସବା ଆଗ ବୁଝିବାକୁ ହେବ ଯେ ଜଳବାୟୁ ପରିବର୍ତ୍ତନ ଯୋଗୁ ସବୁ ପାଣିପାଗ ଘଟଣା ବହୁତ ତୀବ୍ର ହେବ।

ରବି: ତୀବ୍ର ହେବ? ମାନେ?

ସୁମନା: ଆରେ ଯେମିତି ବର୍ଷା। ଏବେ ଲମ୍ବା ସମୟ ବଦଳରେ ଅଳ୍ପ ଦିନ ଭିତରେ ସବୁତକ ବର୍ଷା ହୋଇଯାଉଛି। ଫସଲକୁ ଯଥେଷ୍ଟ ପାଣି ମିଳୁନାହିଁ।

ସୁମିତ:ଶୀତଦିନ ବି କେତେ କମ୍ ଦିନ ପାଇଁ ହେଉଛି । ଖାଲି ଖରାଦିନ, କେତେ ଲମ୍ବା ଖରାଦିନ ହେଉଛି। ଖରା ଋତୁ ତ ବଢ଼ିଚାଲଛି।

ଆଈ: ହଁ କିନ୍ତୁ ଏ ବି ଗୋଟିଏ ନିର୍ଦ୍ଦିଷ୍ଟ ଢାଞ୍ଚାରେ ନୁହେଁ । ମାନେ ପ୍ରତି ଥର ଏକା ଭଳି ବର୍ଷା ହେବ ବା ଠିକ ସମୟରେ ହେବ ଏମିତି ହେଉନାହିଁ। ସେଥିପାଇଁ ତ ଜଳବାୟୁ ପରିବର୍ତ୍ତନକୁ ଠିକ ଭାବରେ କହିପାରିବା କଷ୍ଟକର କଥା। ପାଣିପାଗ ବିଷୟରେ ଆଗରୁ ଅନୁମାନ କରିପାରିବା ବହୁତ କଷ୍ଟକର ହୋଇଗଲାଣି।

ରବି: ବାବୁ ଅନେକ ସମୟ ଧରି ଚୁପ ହୋଇ ବସିଛନ୍ତି। କ'ଣ ଆଜ୍ଞା ପକଡ଼ି କରିବା ନା ହାର ମାନିଗଲେ... (ସମସ୍ତେ ହସୁଛନ୍ତି)

ଅଜା: ଦେଖ ଭାଇ, ସମସ୍ତେ ତ ଶୁଣୁଛନ୍ତି। କିନ୍ତୁ ଏବେ ଯାଏଁ ବିଶ୍ୱ ଉଷ୍ମାୟନ ହେଉଛି ଏବଂ ଏହା ଆମ ପାଇଁ କ୍ଷତିକାରକ ଏହା ଏବେ ବି କେବଳ ଅନୁମାନ। ମୁଁ ଏବେ ବି ପୂରାପୂରି ସନ୍ତୁଷ୍ଟ ନୁହେଁ।

ରବି: ତାହେଲେ ମା, ବେସନ ଗୋଳଉଛି। ବାବୁ ତ ପୂରା ମାନୁନାହାନ୍ତି... (ସମସ୍ତେ ହସୁଛନ୍ତି)

ଆଈ: ରହ ରବି। ତମ ସାମ୍ବାଦିକ ଅଜା ତ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଆଚ୍ଛା କୁହ ତ ଦେଖି, ଏଥର ତମ ବଗିଚାରେ ଆମ୍ବ ଫସଲ କେମିତି ହେଇଛି।

ଅଜା: ହୁଁ... କିଛି ଭଲ ହେଇନାହିଁ।

ଆଈ: କାହିଁକି?

ଅଜା: ଆରେ ସମୟ ହେବା ଆଗରୁ ବଉଳ ଆସିଗଲା. ତାପରେ ବର୍ଷା ହେବାରୁ ବେଶ୍ ବଉଳ ଝଡ଼ିଗଲା। ଆଉ ଫଳ କୋଉଠୁ ଆସିବ?

ଆଈ: ଆଚ୍ଛା ଆମ୍ବ ଗଛରେ ବଉଳ ସମୟ ହେବା ଆଗରୁ କାହିଁକି

ଆସିଗଲା?

ଅଜା: ଆଁ ... ଆଁ... ଖରାଦିନ ସମୟ ହେବା ଆଗରୁ ଆସିଗଲା। ସେଥିପାଇଁ ଗଛ ଭାବିଲା ଯେ ବଉଳ ଧରିବା ସମୟ ହେଇଗଲା ଆଉ ବଉଳ ଆଗରୁ ଆସିଗଲା।

ଆଈ: ଏବେ ବୁଝିଲ... ଆମ ପାଇଁ ଫେବୃଆରି ମାସ ହୋଇପାରେ... କିନ୍ତୁ ଗଛଲତା, ଜୀବଜନ୍ତୁ ସବୁ ପାଣିପାଗ ଅନୁସାରେ ସବୁ କିଛି ସ୍ଥିର କରନ୍ତି, କେବେ ଫୁଲ ଫୁଟିବ, କେବେ ଫଳ ଆସିବ, ପ୍ରଜନନ କେବେ କରିବାକୁ ହେବ, ସବୁ କିଛି ଖରା ଶୀତକୁ ନେଇ ସ୍ଥିର ହୁଏ।

ସୁମନା: ଆଉ ଏ ସବୁ ସନ୍ତୁଳନ ବିଗିଡ଼ି ଗଲାଣି। ନୁହେଁ କି ଆଈ?

ସୁମିତ:(ଚିଡ଼େଇକି) ନୁହେଁ କି ଆଈ? ଆଈ, ମନେହେଉଛି ସୁମନା ଦଳ ବଦଳେଇ ଦେଲାଣି। ଏବେ ଆମ ଦଳରେ ଅଛି... (ହସୁଛନ୍ତି)

ସୁମନା: ମୁଁ ତ ଏବେ ବି ଅଜାଙ୍କ ଦଳରେ ରହିଛି। କିନ୍ତୁ ମତେ ଆଈଙ୍କ କଥା ବି ଠିକ ଲାଗିଲାଣି।

ଅଜା: ସୁମନା... ଠକୁଛୁ... ହଁ ଚିନ୍ତା ନାହିଁ। ଆଚ୍ଛା ଡାକ୍ତରାଣୀ ଆଈ, ମାନିଲୁ ଯେ ଭାରତରେ ବି ବିଶ୍ୱ ଉଷ୍ମାୟନର ପ୍ରଭାବ ପଡୁଛି। କିନ୍ତୁ ଏଥିରୁ ରକ୍ଷା ପାଇବା ପାଇଁ କିଛି ଉପାୟ ଅଛି କି?

ରବି: ତାମାନେ ବାବୁ ହାରିଗଲେ, ମା ଯାଉଛି ଫଳ କାଟିବି।

ଅଜା: ଆରେ ରହ। ଏବେ ଆଲୋଚନା ଚାଲିଛି। ଯଦି ସରକାର କିଛି ପଦକ୍ଷେପ ନେଉ ନାହାନ୍ତି ତା ମାନେ ବିଶ୍ୱ ଉଷ୍ମାୟନ ହେଉନାହିଁ।

ଆଈ: ସତ କହିବାକୁ ଗଲେ ସାରା ଦୁନିଆରେ ଭାରତ ସରକାର ସବୁଠାରୁ ଅଧିକ ପଦକ୍ଷେପ ନେଇଛନ୍ତି।

ରବି: ମୁଁ ଫଳ କାଟିଦେଉଛି।

ଅଜା: ଆରେ ରହ, ପୂରା କଥା ଶୁଣିଲା ପରେ ନିଷ୍ପତ୍ତି ନେବୁ ... (ସମସ୍ତେ ହସୁଛନ୍ତି)

ଆଈ: ଭାରତ ବିଶ୍ୱ ସୌର ଚୁକ୍ତିନାମାର ଗୋଟିଏ ଅଂଶୀଦାର ଅଛି । ବାସ୍ତବରେ ଏହି ପରିକଳ୍ପନା ପଛରେ ଭାରତର ଗୋଟିଏ ବଡ଼ ଅବଦାନ ରହିଛି। ସେଥିପାଇଁ ସୌରଶକ୍ତି କ୍ଷେତ୍ରରେ ସବୁଠାରୁ ଅଧିକ ଆଗେଇଛି ଭାରତ। ତା ଛଡ଼ା ୨୦୩୦ ମସିହା ସୁଦ୍ଧା ସବୁ ଗାଡ଼ି ବ୍ୟାଟେରୀ ଚାଳିବା ପାଇଁ ଭାରତର ପ୍ରଚେଷ୍ଟା ଚାଲିଛି।

ଅଜା: କୃଷି କ୍ଷେତ୍ରରେ କ'ଣ କରାଯାଉଛି?

ଆଈ: ଆରେ ସବୁ କିଛି ତ କୃଷିରେ ହିଁ କେନ୍ଦ୍ରୀଭୂତ ହୋଇଛି । ସବୁଠାରୁ ବଡ଼ କଥା ହେଉଛି ସରକାର ୟୁରିଆକୁ ନିମ ପ୍ରଲେପ ଦେଉଛନ୍ତି...

ସୁମିତ:ଏଥିରେ ଲାଭ?

ସୁମନା: ଆରେ ସୁମିତ, ନିମ ପ୍ରଲେପ ଦେଲେ ୟୁରିଆରୁ ଗଛକୁ ଧୀରେ ଧୀରେ ଏବଂ ଲମ୍ବା ସମୟ ଯାଏଁ ଯବକ୍ଷାରଜାନ ମିଳିପାରିବ। ଏଥିପାଇଁ କମ୍ ମାତ୍ରାରେ ୟୁରିଆ ଦରକାର ହୁଏ ଆଉ ୟୁରିଆ ନଷ୍ଟ ବି ହୁଏନାହିଁ।

ରବି: ନିମ ଲେପଦିଆ ୟୁରିଆର ଆଉ ଗୋଟିଏ ବଡ଼ ଲାଭ ମୁଁ ଜାଣିଛି।

ସମସ୍ତେ: କ'ଣ?

ରବି: ଆରେ ଏବେ କ୍ଷୀରରେ ୟୁରିଆ ମିଶିବା କଥା ସମସ୍ତେ କହୁଛନ୍ତି । ତା ମାନେ କ୍ଷୀରରେ ୟୁରିଆ ମିଶିବା ପୂରା ବନ୍ଦ।

ଅଜା: ଆରେ ବାଃ ରବି, ତୁ ତ ପୂରା ନୂଆ କଥା କହିଲୁ। ନିମ ପ୍ରଲେବ ଦିଆ ୟୁରିଆର ଏତେ ବଡ଼ ଲାଭ .. ଯା ଏବେ ଖୁସିରେ ପକଡ଼ି ତିଆରି କରି ଆଣେ।

ରବି: ଆଜ୍ଞା...

ସୁମନା: ରବିଭାଇ, ପକଡ଼ି ତିଆରି କରି ତମେ ତମର ହାରିବା ସ୍ୱୀକାର କରୁଛ..

ରବି: ଆରେ ଝିଅ ଏମିତି କଥା... ଏବେ ମା ଆପଣ କୁହନ୍ତୁ...

ସୁମିତ:ଆଈ, ପରିବେଶ ସୁରକ୍ଷା ଦିଗରେ ସରକାର କେତେ ପଦକ୍ଷେପ ଉଠାଉଛନ୍ତି, କିନ୍ତୁ ଏଥିରେ କ'ଣ କିଛି ଫରକ ପଡ଼ିବ?

ଆଈ: ଫରକ ତ ନିଶ୍ଚୟ ପଡ଼ିବ ସୁମିତ। କିନ୍ତୁ ଦାୟିତ୍ୱ ଆମ ସମସ୍ତଙ୍କର। ଭାରତ ତ ପଦକ୍ଷେପ ଉଠାଉଛି ଏବଂ ଅନ୍ତଃରାଷ୍ଟ୍ରୀୟ ଚୁକ୍ତିନାମାରେ ପ୍ରସ୍ତାବ ବି ଦେଉଛି ଆଉ ପାଳନ ବି କରୁଛି। କିନ୍ତୁ ଆମେରିକା, କାନାଡା. ଅଷ୍ଟ୍ରେଲିଆ ଭଳି ବଡ଼ ବଡ଼ ବିକଶିତ ଦେଶମାନଙ୍କୁ ବି ସେମାନଙ୍କର ଦାୟିତ୍ୱ ପାଳନ କରିବା ଦରକାର । ସେମାନେ ବି ଏହି ଅନ୍ତଃରାଷ୍ଟ୍ରୀୟ ଚୁକ୍ତିନାମାକୁ ମାନିବା ଦରକାର। ସବୁଜକୋଠରୀ ବାଷ୍ପର ଉତ୍ସର୍ଜନକୁ କମ କରିବା ପାଇଁ ଚେଷ୍ଟା କରିବା ଦରକାର।

ରବି: ଏସବୁ ଦେଶ କ'ଣ ପାଳନ କରନ୍ତିନାହିଁ?

ସୁମନା: ନାହିଁ ରବିଭାଇ, ସବୁଠାରୁ ଅଧିକ ପ୍ରଦୂଷଣ କରନ୍ତି ଆଉ ବିଶ୍ୱ ଉଷ୍ମାୟନକୁ ଗ୍ରହଣ କରନ୍ତିନାହିଁ।

ରବି: ଆରେ ସେମାନେ ନ ମାନିଲେ ନାହିଁ। ଆମର ତ କ୍ଷତି ହେଉଛି, ଆମେ ତ ଏହାକୁ ଅଟକାଇବାକୁ ଚେଷ୍ଟା କରିବା।

ଅଜା: ଆରେ ରବି, ଏଇ ତ ମୁସ୍କିଲ। ଏସବୁ ବିଷାକ୍ତ ବାଷ୍ପ ଦେଶର ସୀମା କୁଆଡୁ ଜାଣିବେ। ପ୍ରଦୂଷଣ ଆମେରିକା କରୁ କି ଚୀନ ଏସବୁ କୋଉ ସୀମା ମାନିବେ। କୋଉଠିକାର ବିଷ ନେଇ କୁଆଡ଼େ ପହଞ୍ଚି ଯାଆନ୍ତି। ଆଉ କ୍ଷତି ଛୋଟ ଦେଶମାନଙ୍କୁ ସହିବାକୁ ହୁଏ।

ସୁମିତ:ଆରେ ବାଃ ଅଜା, କେତେ ସତ କଥା କହିଲ...

ସୁମନା: (ହସି ହସି) ମନେହେଉଛି ଅଜା, ବିଶ୍ୱ ଉଷ୍ମାୟନର କଥା ତମେ ଏବେ ବୁଝିପାରିଲଣି।

ଅଜା: ଆରେ ବୁଝି କାହିଁକି ପାରିବିନି। ଆମ୍ବ ବଗିଚା ତ ମୋର କ୍ଷତି ହୋଇଛି। ମଶା ମତେ ବି ହଇରାଣ କରୁଛନ୍ତି। ଚଢ଼େଇଙ୍କ ଚିଁ ଚିଁ ହେବା କମିଯିବା ମତେ ବି ଖରାପ ଲାଗୁଛି। ମୁଁ ବି ବ୍ୟସ୍ତ ହେଉଛି। ଯା ରବି , ଫଳ କାଟି ଆଣେ।

ଆଈ: ଆରେ ବର୍ଷାରେ ଫଳ... ଦେହ ଖରାପ କରିବ ନା କ'ଣ... ଯା ରବି, ସମସ୍ତଙ୍କ ପାଇଁ ଗରମାଗରମ ପକଡ଼ି ଛାଣି ଆଣେ।

ରବି: ଏବେ ଆଣୁଛି ମା... ମୁଁ ତ ଆଳୁ ପିଆଜ କାଟିକି ରଖିଛି। ଏବେ ଆଣୁଛି...

ଅଜା: ଆରେ ରବି , ତା ସାଙ୍ଗରେ କିଛି କୋବି ଆଉ ଲଙ୍କା ପକଡ଼ି ବି କରିଦେ।

ରବି: କରୁଛି ଆଜ୍ଞା। ବିଶ୍ୱ ଉଷ୍ମାୟନ ସହ ଲଢ଼ିବା ସତ୍ତ୍ୱେ ବି ଆମ ଚାଷୀଭାଇମାନଙ୍କ ଯୋଗୁ ଆମେ ଏ ପକଡ଼ି ଖାଇପାରୁଛେ। ସେମାନଙ୍କୁ ଧନ୍ୟବାଦ ଦେଉଛି ଏବଂ ଆଜିର ଆଲୋଚନାରେ ମା 'ଙ୍କୁ ବିଜେତା ଘୋଷିତ କରୁଛି। ମୁଁ ଚାଲିଲି ପକଡ଼ି କରିବାକୁ (ହସ)

ଅଜା: ଆରେ ଅଳ୍ପ କରିବୁ । ଯେମିତି ନଷ୍ଟ ହେବନାହିଁ। ଏଥିପାଇଁ କହୁଛି କାରଣ ପ୍ରତିବର୍ଷ ଆମେ ସାରା ଦୁନିଆରେ ପ୍ରାୟ ୧୩ କୋଟି ଟନ ଖାଦ୍ୟ ନଷ୍ଟ କରୁଛେ। ଏମିତି ହୋଇପାରେ ଆମେ ସେ ଭାଗ୍ୟବାନମାନଙ୍କ ଭିତରୁ ଜଣେ ଯାହାକୁ ମନଇଚ୍ଛା ଖାଇବାକୁ ମିଳୁଛି...

ସୁମନା: ହଁ ଅଜା, କିନ୍ତୁ ଯଦି ଆମେ ସମସ୍ତେ ବିଶ୍ୱ ଉଷ୍ମାୟନ ବିରୁଦ୍ଧରେ ଲଢ଼ିବା ପାଇଁ ମନ ସ୍ଥିର କରିବା ତେବେ ତ ଏ ଜୀବନ ଚାଲିବ...

ଆଈ: ନିଶ୍ଚୟ.. କିନ୍ତୁ କେବଳ ସରକାର ଚାହିଁଲେ ବିଶ୍ୱ ଉଷ୍ମାୟନ କମେଇ ହେବନାହିଁ। ବରଂ ସମସ୍ତେ ଏକାଠି ଚେଷ୍ଟା କରିବା ଦରକାର ଆଉ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମ୍ କରିବା ପାଇଁ ନିଜ ନିଜ ସ୍ତରରେ ଚେଷ୍ଟା କରିବା ଜରୁରୀ।

ଅଜା: ଠିକ କଥା। ମୋ ଭଳି ଅନେକଙ୍କୁ ଲାଗୁଛି ଯେ ସେମାନେ ବିଶ୍ୱ ଉଷ୍ମାୟନ ଦ୍ୱାରା ପ୍ରଭାବିତ ହେବେନାହିଁ। କିନ୍ତୁ ସେମାନେ ସମସ୍ତେ ଭୁଲ। ପୃଥିବୀ ତା ସହ ହେଉଥିବା ଦୁର୍ବ୍ୟବହାରର ପ୍ରତିଶୋଧ ସମସ୍ତଙ୍କଠାରୁ

ନେବ। ଏବେ ତ ଚେତିଯିବାର ସମୟ। ପୃଥିବୀକୁ ଭଲପାଇବାର ସମୟ।

ସୁମନା/ସୁମିତ: ଆରେ ବାଃ ଅଜା। (ତାଳି ବଜାଉଛନ୍ତି)

ଆଈ: ମୁଁ ଯାଇ ରବିକୁ ଦେଖୁଛି।

ଅଜା: ଆରେ ଡାକ୍ତରାଣୀ ମ୍ୟାଡାମ, ତମେ କୁଆଡ଼େ ଚାଲିଲ । ଆଜି ତ ମୁଁ ହାର ମାନିଛି। ମୁଁ ରବିକୁ ଦେଖୁଛି।